# Akashvani, Sambalpur

## SAMBALPURI NEWS EVENING BULLETIN

## 6 April 2025- 7.02 pm- 7.12 pm.

**********************************************

୧- ଆଏଜ୍‌ଠାନୁ ୪ ଦିନିଆ ନୂଆଦିଲ୍ଲୀ ଗସ୍ତଥି ଗଲେ ମୁଖ୍ୟମନ୍ତ୍ରୀ ।

- ମଙ୍ଗଲ୍‌ବାର୍ ଦିନ ନିବେଶକ୍ ସମ୍ମିଲନୀଥି ଦେବେ ଯୋଗ୍ ।

୨- ସମ୍ବଲ୍‌ପୁରର୍ ବିକାଶ୍ ଲାଗି ସମୀକ୍ଷା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ପୂର୍ତମନ୍ତ୍ରୀ ।

- ୮ ଟା ପ୍ରକଳ୍ପ ଉପ୍‌ରେ ଦିଆଗଲା ଜୋର୍ ।

୩- ରାଏଜେ ଶ୍ରଦ୍ଧା ଆର୍ ନିଷ୍ଠାର୍ ସହେତେ ପାଲିତ୍ ହେଉଛେ ରାମ୍‌ନଅମୀ ।

- ସମ୍ବଲ୍‌ପୁର୍ ନ ଚାଲିଛେ ରାମ୍‌ନଅମୀ ଆର୍ ହନୁମାନ୍ ଜୟନ୍ତୀର୍ ମିଲିତ୍ ଶୋଭାଯାତ୍ରା ।

ଆଉର୍

୪- ଓଡ଼ିଆ ପକ୍ଷ ଅବ୍‌ସରେ ରାଜ୍ୟବ୍ୟାପୀ ଦେବାଲୟ ଆର୍ ଐତିହ୍ୟସ୍ଥଲୀମାନ୍‌କେ ହେଲା ସଫେଇ ଅଭିଯାନ୍ ।

ମୁଖ୍ୟମନ୍ତ୍ରୀ -ନିବେଶକ୍ ସମ୍ମିଲନୀ ଆର୍‌ଏନ୍‌ୟୁ/
ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ବେଲ୍‌ବୁଡ଼େ ୪ ଦିନିଆ ଦିଲ୍ଲୀ ଗସ୍ତଥି ବାହାରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ନିବେଶକ୍ ସମ୍ମିଲନୀଥି ଯୋଗ୍ ଦେବାର୍ ସହେତେ ଭିନ୍ ଭିନ୍ କେନ୍ଦ୍ରମନ୍ତ୍ରୀମାନ୍‌କୁ ଭେଟ୍‌ବେ । ସମ୍ମିଲନୀଥି ପୁଞ୍ଜିପତିମାନ୍‌କର୍ ସହେତେ ରାଏଜେ ପୁଞ୍ଜିନିବେଶ୍ ବାବ୍‌ଦେ ଆଲୋଚନା କର୍‌ବେ । ଇ ଅବ୍‌ସରେ କେତେଟା ବୁଝାମଣା ପତ୍ର ସ୍ୱାକ୍ଷରିତ ହେଇପାରେ । ସେନ୍ତା ପାରାଦ୍ୱୀପ୍ ନ ନାପ୍‌ତା କ୍ରାକର୍ ପ୍ରକଳ୍ପ ଲାଗି ଆଇଓସିଏଲ୍ ସାଙ୍ଗେ ଗୁଟେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେବା ବଲି ଆଶ୍ କରାଯାଉଛେ । ରାଜ୍ୟର୍ ସ୍ୱାର୍ଥକେ ନେଇକରି କେନ୍ଦ୍ରମନ୍ତ୍ରୀମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ ଉତ୍‌ରୁ ୯ ତାରିଖ୍ ବୁଧବାର୍ ଦିନ ଓଡ଼ିଶା ଫିର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

କେନ୍ଦ୍ର, ପୂର୍ତ ମନ୍ତ୍ରୀଙ୍କର ସମୀକ୍ଷା ବୈଠକ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାଥି ଆଉ ପୂର୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ

ଉପସ୍ଥିତିଥି ସମ୍ବଲପୁର ଉତରାଂଚଳ ରାଜସ୍ୱ କମିଶନରଙ୍କ ସମ୍ମିଳନୀ କକ୍ଷଠାନେ ଆଏଜ୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସମ୍ବଲପୁର ଜିଲ୍ଲାନ ପୂର୍ତ ବିଭାଗ ଅଧିନ୍‌ଥି ଚାଲିଥିବା ସବୁ ଉନ୍ନୟନ୍ କାମ୍‌ର ସମୀକ୍ଷା କରାଯାଇଛେ । ଇତାର୍ ସହେତେ ଜିଲ୍ଲା ଅଧା ହେଇକରି ପଡ଼ି ରହିଥିବା ସବୁ ପ୍ରକଳ୍ପର ସମୀକ୍ଷା ହେଇଛେ । ଖାସ୍‌କରି ବୁର୍ଲା ସହରନୁ ହୀରାକୁଦକେ ଗୁଟେ ବ୍ରିଜ୍, ବୁର୍ଲାନ ଗୁଟେ ରିଙ୍ଗ ରୋଡ୍, ରାଂଚି ରାସ୍ତା, ଶୀତଳଷଷ୍ଠୀ ଆଘୋନୁ ସହରର ସବୁ ପୂର୍ତ ରାସ୍ତାର୍ ଉନ୍ନତିକରଣ ବାଗିର୍ ୮ଟା ପ୍ରକଳ୍ପ ଉପ୍‌ରେ ବୈଠକ୍‌ଥି ଜୋର୍ ଦିଆଯାଇଥିଲା । ଇ ବାବ୍‌ଦେ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍,

(ଭଏସ୍ ଓଭର୍- ପୂର୍ତମନ୍ତ୍ରୀ)

ବୈଠକ୍‌ଥି ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଉତରାଂଚଳ ରାଜସ୍ୱ କମିଶନର, ସମ୍ବଲପୁର ଜିଲ୍ଲାପାଳ, ମହାନଗର ନିଗମ କମିଶନର, ଆରକ୍ଷୀ ଅଧିକ୍ଷକ ଯୋଗ୍ ଦେଇଥିଲେ ।

ପମ୍‌ବମ୍ ବ୍ରିଜ୍- ପ୍ରଧାନ୍‌ମନ୍ତ୍ରୀ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ତାମିଲ୍‌ନାଡୁ ରାମେଶ୍ୱରମ୍ ଠାନେ ଦେଶର୍ ପହେଲା ସମୁଦ୍ର ଭିତ୍‌ରେ ଭର୍ଟିକାଲ୍ ଝୁଲା ରେଲ୍‌ୱେ ବ୍ରିଜ୍ ଉଦ୍‌ଘାଟନ୍ କରିଛନ୍ । ଇ ରେଲ୍ ବ୍ରିଜ୍ ରାମେଶ୍ୱରମ୍ ଦ୍ୱୀପଠାନୁ ମୁଖ୍ୟ ଭୂଖଣ୍ଡକେ ଜୁଡୁଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଜନସଭାକେ ସମ୍ବୋଧିତ୍ କରିକରି ଅଦ୍ଭୁତ୍ ପୋଲ୍ ତିଆରି କରିଥିବା ଇଞ୍ଜିନିୟର୍ ମାନ୍‌କର୍ ପ୍ରଶଂସା କର୍‌ବାର୍ ସହେତେ ତାମିଲ୍‌ନାଡୁର ବିକାଶ୍ ଦେଶର୍ ବିକାଶ୍‌କେ ଗତି ଦେବା ବଲି କହିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ଗୁରୁତ୍ୱପୂର୍ଣ୍ଣ କାମ୍ ଥିବାର୍‌ନୁ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ସମ୍ବଲ୍‌ପୁର୍ ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଦିନ୍‌କିଆ ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ଭିନ୍ ଭିନ୍

କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ସଖାଲର୍ ୯ ବଜେ ସମଲେଶ୍ୱରୀ ମନ୍ଦିର୍ ଠାନୁ ପୁଲିସ୍‌ର ୧୫ ଟା ସ୍ପେଶାଲ୍ ପେଟ୍ରୋଲିଂ ଗାଡ଼ି ଉଦ୍‌ଘାଟନ୍ କରିଛନ୍ । ସେ ଭିତ୍‌ରୁ ୧୨ ଟା ପିସିଆର୍ ଗାଡ଼ି ଥିଲା ବେଲ୍‌କେ ୩ ଟା ଗାଡ଼ି ଗ୍ରାମାଂଚଲ୍ ଥାନାମାନ୍‌କେ ନିୟୋଜିତ୍ ହେବା । ଆଧୁନିକ୍ ଜ୍ଞାନ୍‌କୌଶଲ୍‌ଥି ତିଆରି ଇ ଗାଡ଼ି ଅପରାଧ୍ ନିୟନ୍ତ୍ରଣ୍ ଦିଗେ ପୁଲିସ୍‌କେ ବଡ୍‌ଟେ ସହଯୋଗ୍ କର୍‌ବା ବଲି ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ପଂଚାୟତିରାଜ ମନ୍ତ୍ରୀ-ସମ୍ବଲପୁର ସମ୍ବଲ୍‌ପୁର୍ ସମ୍ବାଦଦାତା

ଖରାଦିନ୍‌କେ ନଜର୍‌ଥି ରଖିକରି ରାଏଜେ ଯୁଦ୍ଧକାଳୀନ ଭାବେ ନଳକୂଅାଁ ଖୁଲାଯାଉଛେ ବଲି ପଂଚାୟତିରାଜ ଆଉ ପାନୀୟ ଜଲ୍ ବିଭାଗ ମନ୍ତ୍ରୀ ରବିନାୟାରଣ ନାଏକ କହିଛନ୍ । ସମ୍ବଲପୁରଠାନେ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେବାର୍ ଉତ୍‌ରୁ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍, ରାଏଜେ ଦର୍‌କାର୍ ଅନ୍‌ସାରେ ନଲକୂଅାଁ ଖୁଲାଯିବା । ମେଗା ପିଇବାର ପାଏନ୍ ପ୍ରକଳ୍ପ ମାନ୍ କାମ୍ କରୁଛେ । ଯେନ୍‌ଠାନେ ଇ ପ୍ରକଳ୍ପମାନ୍ ଫେଲ୍ ମାରୁଛେ କି କିଛି ଅସ୍‌ବିଧା ହଉଛେ ତୁର୍‌ତି ସେନ୍‌କେ ପାଏନ୍ ଯୁଗାବାର୍‌କେ ନିର୍ଦ୍ଦେଶ୍ ଦିଆଯାଉଛେ ବଲି ମନ୍ତ୍ରୀ କହିଛନ୍ ।

**ରାମ୍‌ନଅମୀ                ସମ୍ବଲପୁର/ସୁବର୍ଣ୍ଣପୁର୍/ବୌଦ୍ଧ**

ପବିତ୍ର ଶ୍ରୀରାମ ନଅମୀ ଆଏଜ୍ ଭକ୍ତି ଆଉ ନିଷ୍ଠାର୍ ସହେତେ ସାରା ରାଏଜେ ପାଲନ୍ କରାଯାଉଛେ । ପୁରାଣ୍ ଅନ୍‌ସାରେ ଭଗବାନ୍ ବିଷ୍ଣୁଙ୍କର୍ ୭ ନମ୍ବର୍ ଅବତାର୍ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଚଇତ୍ ନବରାତ୍ରର୍ ଶେଷ୍ ଦିନେ ନଅମୀ ତିଥିଥି ପୁର୍‌ଥି ନ ଜନମ୍ ନେଇଥିଲେ । ପ୍ରଭୁ ଶ୍ରୀରାମଙ୍କର୍ ଜନମ୍‌ଦିନ୍‌କେ ହଜାର୍ ହଜାର୍ ବଛର୍ ହେଲା ରାମ୍‌ନଅମୀ ଭାବେ ପାଲନ୍ କରାଯାଉଛେ ।

ପୁରୀ ଶ୍ରୀମନ୍ଦିର୍ ସହେତେ ଦେଶ୍ ଆର୍ ରାଜ୍ୟର୍ ରାମ୍ ମନ୍ଦିର୍‌ମାନ୍‌କେ ପ୍ରଭୁ ଶ୍ରୀରାମଙ୍କର୍ ପୂଜା ଅର୍ଚ୍ଚନା କରାଯାଇଛେ । ପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ରାମ ଅବତାର ଲୀଳାର ଅଂଶ ବିଶେଷ 'ସାହିଜାତ' ଆଏଜ୍‌ଠାନୁ ମୁଲ୍ ହେଇଛେ । ସେନ୍ତା ଶ୍ରୀଜୀଉମାନ୍‌କର୍ ରଥ୍‌ଯାତ୍ରା ଲାଗି ରଥ୍‌କାଠ ଚିର୍‌ବାର୍‌ଟା ଆଏଜ୍‌ଠାନୁ ମୁଲ୍ ହେଇଛେ ।

ଶ୍ରୀରାମନଅମୀ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍‌ବାସୀ୍‌କୁ ଶୁଭେଚ୍ଛା ଜନେଇକରି ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କର୍ ଜୀବନ ଆଦର୍ଶ ସମ୍‌କର୍ ଲାଗି ପ୍ରେରଣାର୍ ଉତ୍ସ ହେଉ ବଲି କହିଛନ୍ ।  ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ

ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇକରି  ରାମ୍‌ନଅମୀ ଅବ୍‌ସରେ ସମ୍‌କର୍ ଜୀବନ୍‌ଥି ନୂଆଁ ଚେତ୍‌ନା, ନୂଆଁ ଉତ୍ସାହ, ସଶକ୍ତ ସମୃଦ୍ଧ ଆଉ ସକ୍ଷମ୍ ଭାରତ୍‌ର ସଂକଳ୍ପକେ ନୂଆଁ ଶକ୍ତି ଦେଉ ବଲି କହିଛନ୍ ।

ସେନ୍ତା ରାମ୍‌ନଅମୀ ଖାଲି ଗୁଟେ ଧାର୍ମିକ୍ ଉତ୍ସବ୍ ନୁହେଁସେ, ଇଟା ଗୁଟେ ସାଂସ୍କୃତିକ୍ ଚେତନା ଆଉ ଜାତୀୟ ଆତ୍ମଗୌରବ୍‌ର ପୁନର୍ଜାଗରଣ୍ ବଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ ।

ସମ୍ବଲ୍‌ପୁର୍ ସହର୍ ସହେତେ ସାରା ଜିଲ୍ଲା ନ ଧୁମ୍‌ଧାମ୍‌ଥି ରାମ୍‌ନଅମୀ ପାଲିତ୍ ହେଇଯାଇଛେ । ସହରେ ହନୁମାନ୍ ଜୟନ୍ତୀ ସମନ୍ୱୟ ସମିତି ଆର୍ ଶ୍ରୀରାମ ଜନ୍ମୋତ୍ସବ୍ ସମିତି ତର୍‌ଫୁ ଆଏଜ୍ ଉପର୍‌ବେଲା ଶୋଭାଯାତ୍ରାର୍ ଆୟୋଜନ୍ କରାଯାଇଛେ । ଇ ବଛର୍ ପହେଲାକରି ହନୁମାନ୍ ଜୟନ୍ତୀ ବାଇକ୍ ରେଲି ଆର୍ ରାମ୍‌ନଅମୀ ଶୋଭଯାତ୍ରା ଗୁଟେ ଦିନେ କରାଯାଉଛେ । ଶୋଭାଯାତ୍ରାଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍, ପୂର୍ବ ଆଉ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍‌ଙ୍କର୍ ସହେତେ ବହୁତ୍ ସିଆନ୍ ସୁଜନ୍ ଯୋଗ୍ ଦେଇଛନ୍ । ରାମ୍‌ନଅମୀ ଶୋଭାଯାତ୍ରାକେ ନେଇକରି ସାରା ସହର୍ ପୁଲିସ୍ ଛାଉଣୀ ପାଲ୍‌ଟି ଥିଲା ବେଲ୍‌କେ ସମ୍ବେଦନ୍‌ଶୀଲ୍ ଜାଗା ମାନ୍‌କେ ଡ୍ରୋନ୍ ଆର୍ ସିସିଟିଭି କେମ୍‌ରା ଜରିଏ ନଜର୍ ରଖାଯାଇଛେ । ସହରର୍ ୧୦ ଟା ଜାଗା ନ ୱାଚ୍ ଟାୱାର୍ ବ୍ୟବସ୍ଥା କରାଯାଇଛେ ।

ଶ୍ରୀରାମ୍ ନଅମୀ ଅବ୍ସରେ ସୁବର୍ଣ୍ଣପୁର୍ ଜିଲ୍ଲାର୍ ଗାଁ ଗାଁ ନ ରାମ୍ ମନ୍ଦିର୍ ମାନ୍‌କେ ଭକ୍ତମାନେ ପାରମ୍ପାରିକ୍ ପୂଜା, ଆଲ୍‌ତୀ କରିଛନ୍ । ଭିନ୍ ଭିନ୍ ଜାଗା ନ ରାମାୟଣ୍ ପାଠ୍ ସଙ୍ଗେ ନାମଯଜ୍ଞ ମାନ୍ ହେଇଛେ । ଜିଲ୍ଲାର୍ ବୀର୍‌ମହାରାଜ୍‌ପୁର୍, ଉଲୁଣ୍ଡା, ତର୍‌ଭା, ବିନ୍‌କା, ଡୁଙ୍ଗୁରିପାଲିର୍ ଗାଁ ମାନ୍‌କେ ରାମ୍‌ଲୀଲାମାନେ ଭିଲ୍ ପ୍ରଦର୍ଶନ୍ କରାଯାଇଛେ ।

ବୌଦ୍ଧ ଜିଲ୍ଲାର୍ ରାମ୍‌ମନ୍ଦିର୍ ମାନ୍‌କେ ଆଏଜ୍ ରାମ୍‌ନଅମୀ ପାଲିତ୍ ହେଇଯାଇଛେ । ବୌଦ୍ଧର୍ ଶ୍ରୀରାମ୍ ମନ୍ଦିର୍ ଆର୍ ଦେବ୍‌ଗଡ୍‌ର ୨ ଶହ ବଛର୍ ପୁର୍‌ନା ଶ୍ରୀରଘୁନାଥଜୀଉ ପୀଠ ଠାନେ ନଗର୍ କୀର୍ତନ୍ ଆଉ ଖାସ୍ ପୂଜା କରାଯାଉଛେ । ନାରାୟଣ୍ ନଗର୍‌ର ଜମଜ ମନ୍ଦିର୍ ଠାନୁ ଶ୍ରୀରାମଙ୍କର୍ ଚଳନ୍ତି ପ୍ରତିମା ନଗର୍ କୀର୍ତନ୍ ସାଙ୍ଗେ ପରିକ୍ରମା କରାଯାଇଛେ ।

ବିଜେପି ପ୍ରତିଷ୍ଠା ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଜନତା ପାର୍ଟିର୍ ୪୫ ନମ୍ବର୍ ପ୍ରତିଷ୍ଠା ଦିବସ୍ ଆଏଜ୍ ଆର୍ ଆଏବା କାଏଲ୍ ୨ ଦିନ୍ ଧରିକରି ପାଲନ୍ କରାଯାଉଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ଜନତା ପାର୍ଟିର୍ ପ୍ରତିଷ୍ଠା ଦିବସ୍ ଅବ୍ସରେ ଦଲର୍ ସବୁ କର୍ମକର୍ତାମାନ୍‌କୁ

ଶୁଭେଚ୍ଛା ଜନେଇଛନ୍ । ଆଝିରର୍ ଦିନ୍ ଦଲ୍ ସାଙ୍ଗେ ଥିବା ସବୁ କର୍ମକର୍ତାଙ୍କର୍ ଦେଶର୍ ପ୍ରଗତି ଆଉ ବିକଶିତ୍ ଭାରତ୍‌ର ସପନ୍ ସାକାର୍ କର୍‌ବାର୍ ପ୍ରତିବଦ୍ଧତାକେ ଦର୍ଶଉଛେ ବଲି କହିଛନ୍ । ଦଲର୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ୍ ନଡ୍ଡା, ଦଲୀୟ କର୍ମୀଙ୍କର୍ ମନୋବଳ, କଠୋର୍ ପରିଶ୍ରମ୍, ସଂଘର୍ଷ ଆଉ ତ୍ୟାଗ ଲାଗି ଧନ୍ୟବାଦ୍ ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଭିଲ୍ ଇ ଅବ୍‌ସରେ ଶୁଭେଚ୍ଛା ଜନେଇଛନ୍ ।

ଓଡ଼ିଆ ପକ୍ଷ -ସ୍ୱଚ୍ଛତା ଅଭିଯାନ/ସୁବର୍ଣ୍ଣପୁର/ବୌଦ୍ଧ/କଲାହାଣ୍ଡି/ଦେବ୍‌ଗଡ଼୍

ଓଡ଼ିଆ ପକ୍ଷ -୨୦୨୫ ପାଲନ୍‌ର ୬ ନମ୍ବର୍ ଦିନେ ଆଏଜ୍ ସ୍ୱଚ୍ଛତା ଅଭିଯାନ୍ ଆୟୋଜନ୍ କରାଯାଇଛେ । ସାରା ରାଏଜେ ଭିନ୍ ଭିନ୍ ମନ୍ଦିର୍ ଆର୍ ଐତିହ୍ୟ ସ୍ଥଲୀମାନ୍‌କର୍ ସଫାସୁତ୍‌ରା କରାଯାଇକରି ତାର୍ ସ୍ୱଚ୍ଛତାକେ ନେଇକରି ଲୁକ୍‌କୁ ସଚେତନ୍ କରାଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍, ପୌର ପରିଷଦ୍ ଆଉ ସ୍ୱଚ୍ଛ ଭାରତ୍ ସଂଗଠନ୍ ତର୍‌ଫୁ ସୁବର୍ଣ୍ଣମେରୁ ଆଉ ରାମେଶ୍ୱର୍ ମନ୍ଦିର୍ ସହେତେ ମହାନଦୀର୍ ସ୍ୱର୍ଣ୍ଣପ୍ରୟାଗ୍ ଘାଟ୍ ସଫା କରାଯାଇଛେ ।

ବୌଦ୍ଧ ଜିଲ୍ଲାର୍ ଦେବାଲୟ ଆର୍ ଐତିହ୍ୟସ୍ଥଳୀମାନ୍‌କେ ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସରେ ସଫେଇ କରାଯାଇଛେ । ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଐତିହାସିକ ହରିହର ପୀଠ ଗନ୍ଧରାଡ଼ି, ବୌଦ୍ଧ ସହରର୍ ବାବା ଚନ୍ଦ୍ରଚୂଡ଼, ବାବା ମାତଙ୍ଗେଶ୍ୱର, ଐତିହାସିକ ପୀଠ ରାମେଶ୍ୱର, ଜଗନ୍ନାଥ୍ ମନ୍ଦିର୍, ବୁଦ୍ଧ ମନ୍ଦିର୍, ପର୍‌ଗଲ୍‌ପୁର୍ ଆର୍ ଶ୍ୟାମ୍‌ସୁନ୍ଦର୍‌ପୁର୍ ଠାନେ ଥିବା ବୌଦ୍ଧ କୀର୍ତିସ୍ଥଳୀ, ଭୈରବୀ ପୀଠ ନ ସଫେଇ କରାଯାଇଥିଲା ।

ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସରେ କଲାହାଣ୍ଡି ଜିଲ୍ଲାର୍ ଭିନ୍ ଭିନ୍ ଦେବାଲୟ ଆର୍ ଐତିହ୍ୟସ୍ଥଳୀମାନ୍‌କେ ସଫେଇ କରାଯାଇଛେ । ଭବାନୀପାଟ୍‌ନା ଠାନେ ଜିଲ୍ଲାପାଲ୍ ପାୱାର୍ ସଚିନ୍ ପ୍ରକାଶ୍‌ଙ୍କର୍ ନେତୃତ୍ୱଥି ମଦନ୍‌ମୋହନ୍ ମନ୍ଦିର୍‌ର ସଫେଇ କରାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ନ ଭିଲ୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ପ୍ରଧାନ୍‌ପାଟ୍‌ଠାନେ ପ୍ରଧାନ୍‌ପାଟେଶ୍ୱରୀ ମନ୍ଦିର୍ ଆର୍ ଚମ୍ପକେଶ୍ୱର ଶିବମନ୍ଦିର୍ ନ ସଫେଇ କରାଯାଇଛେ ।

ସେଆଡ଼େ ଓଡ଼ିଆ ପକ୍ଷ ପାଲନ୍‌ର ୭ ନମ୍ବର୍ ଦିନେ ଆଏବା କାଏଲ୍ ବର୍ଣ୍ଣବୋଧ ଉତ୍ସବ୍ ପାଲନ୍ କରାଯିବା ।

ଛତିଶ୍‌ଗଡ଼୍ ରାଜ୍ୟପାଲ୍-ସମ୍ବଲ୍‌ପୁର୍ ଗସ୍ତ  ସମ୍ବଲପୁର୍ ସମ୍ବାଦଦାତା

ଛତିଶ୍‌ଗଡ଼୍ ରାଜ୍ୟପାଲ୍ ରାମେନ୍ ଡେକା ଆଏଜ୍ ସମ୍ବଲ୍‌ପୁର୍ ଗସ୍ତ କରିକରି ସହରର୍ କଚ୍‌ରୀ ଛକଠାନେ ଥିବା ଆସାମ୍‌ର

ବିଶିଷ୍ଟ କବି ଲକ୍ଷ୍ମୀନାଥ୍ ବେଜ୍‌ବରୁଆଙ୍କର୍ ସାଧନା ଗୃହ ବୁଲି ଦେଖିଛନ୍ । କବିଙ୍କର୍ ସାଧନା ଗୃହକେ ଓଡ଼ିଶା ସର୍‌କାର୍ ଯେନ୍‌ଭାବେ ସଂରକ୍ଷିତ୍ କରିକରି ରଖିଛନ୍, ସେଟା ଦେଖିକରି ଛତିଶ୍‌ଗଡ୍ ରାଜ୍ୟପାଲ୍ ଖୁସି ଜାହିର୍ କର୍‌ବାର୍ ସହେତେ ସର୍‌କାର୍‌ଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ୮ ଟା ଜିଲ୍ଲା ନ ଆଏବା ୨୪ ଘଂଟା ଭିତ୍‌ରେ ଘଡ୍‌ଘଡ଼ି ସାଙ୍ଗେ ଧୁକାଗର୍ଡ଼ି ଆର୍ ସାମାଏନ୍ ବର୍ଷା ହେଇପାରେ । ସେନ୍ତା ଆଏବା କାଏଲ୍ ନୁ ରାଜ୍ୟର୍ ବଡ଼ଭାଗୀ ଜାଗା ନ ତାତି ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଆଏଜ୍ ରାଜ୍ୟର୍ ସବୁନୁ ଜହ ତାତି ବୌଦ୍ଧ ନ ୪୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।